بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୭ ମାର୍ଚ୍ଚ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଈଶ୍ୱରଙ୍କ ଏକତ୍ୱ ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱ୍ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଅଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀ ମାଧ୍ୟମରେ ଏକେଶ୍ୱରବାଦର ଚର୍ଚ୍ଚା ଚାଲିଥିଲା, ମକ୍କା ବିଜୟ ସମୟରେ (ଖାନା କାବା'ରେ ଥିବା) ପ୍ରତିମୂର୍ତ୍ତିଗୁଡ଼ିକୁ ଭାଙ୍ଗିବାର ବ୍ୟାଖ୍ୟାତ୍ମକ ଆଲୋଚନା ଗତ **ଖୁତ୍‌ବା**ରେ କରିଥିଲି । ଏସବୁକିଛି ହୁଜୁର[ସ.ଅ] ଈଶ୍ୱରଙ୍କ ଏକତ୍ୱର ଘୋଷଣା କରିବା ସକାଶେ କରିଥିଲେ ଅର୍ଥାତ୍ ଯେଉଁ ପ୍ରତିମାଗୁଡ଼ିକର ତୁମେ ଆରାଧନା ଓ ଉପାସନା କରୁଅଛ, ସେଗୁଡ଼ିକର ଅବସ୍ଥା ତ ଏପରି ଯେ ତାଇଫ୍ (ବସ୍ତି)ରେ ରହିଥିବା **ଲାତ୍** ପ୍ରତିମା ସମ୍ବନ୍ଧରେ ବର୍ଣ୍ଣନା ମିଳୁଅଛି ଯେ ସେଠାକାର ନିବାସୀ ଏହି ନିବେଦନ କଲେ, ଆମ ଇଷ୍ଟ ଦେବତା **ଲାତ୍**କୁ ତିନି ବର୍ଷ ପାଇଁ ଏହିପରି ରହିବାକୁ ଦିଆଯାଉ, ତାହାକୁ ଭଙ୍ଗା ନଯାଉ । କିନ୍ତୁ ମହାଭାଗଙ୍କ ଏକେଶ୍ୱରବାଦର ସ୍ୱାଭିମାନ ଏହା ବରଦାସ୍ତ କଲା ନାହିଁ । ତେଣୁ ତାଇଫ୍‌ବାସୀ ଉକ୍ତ ଅବଧିକୁ କମ୍ କରି ଏକ ବର୍ଷ କଲେ, ପୁଣି ଏକ ମାସ ପାଇଁ **ଲାତ୍** ପ୍ରତିମାକୁ ନଭାଙ୍ଗିବା ପାଇଁ ଦରଖାସ୍ତ କଲେ । କିନ୍ତୁ ମହାଭାଗ ତାହାକୁ ମଧ୍ୟ ଗ୍ରହଣ କଲେ ନାହିଁ ଓ **ଲାତ୍** ପ୍ରତିମାକୁ ଭାଙ୍ଗି ଦେଲେ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ] କେବଳ ଅମାନ୍ୟକାରୀ ମକ୍କାବାସୀଙ୍କ ମୁକାବିଲା କରି କାବା'ର ପ୍ରତିମାଗୁଡ଼ିକୁ ଭାଙ୍ଗି ପବିତ୍ର କରି ନଥିଲେ, ବରଂ ମୁସଲମାନମାନଙ୍କ ହୃଦୟରେ ଈଶ୍ୱରଙ୍କର ଏକତ୍ୱ ଦୃଢ଼ତାର ସହିତ ସ୍ଥାପିତ କରି ଦେଇଥିଲେ । ମହାଭାଗ ନିଜ ଅନୁଚରମାନଙ୍କର ଏପରି ପ୍ରଶିକ୍ଷଣ କଲେ ଯେପରି ସେମାନଙ୍କ ହୃଦୟରେ **ଶିର୍କ**ର ନିମିତ ମାତ୍ର ଭାବନା ଜାତ ହୋଇପାରିବ ନାହିଁ ।

ହଜରତ ଇବ୍‌ନେ ଅବ୍‌ବାସ[ର.ଅ] ବର୍ଣ୍ଣନା କରନ୍ତି; ମୁଁ ହଜରତ ଉମର୍[ର.ଅ]ଙ୍କୁ ମଞ୍ଚ ଉପରେ ଏହା କହୁଥିବାର ଶୁଣିଲି ଯେ, ସେ ହୁଜୁର[ସ.ଅ]ଙ୍କୁ ଏହା କହୁଥିବାର ଶୁଣିଥିଲେ, ଯେ ମୋର (ଅର୍ଥାତ୍ ହଜରତ ମୁହମ୍ମଦ[ସ.ଅ] ଙ୍କର) ପ୍ରଶଂସା କରିବାରେ ଅତିଶୟତା ଅବଲମ୍ବନ କର ନାହିଁ । ଯେପରି ଖ୍ରୀଷ୍ଟଧର୍ମାବଲମ୍ବୀ ମସିହ୍‌ଙ୍କର ପ୍ରଶଂସା କରିବାରେ ଅତିଶୟତା ଅବଲମ୍ବନ କରିଥିଲେ । ମୁଁ ତ ଜଣେ ଈଶ୍ୱରଙ୍କ ଭକ୍ତ ମାତ୍ର । ଅତଃ ତୁମେ ମୋତେ ଈଶ୍ୱରଙ୍କ ଭକ୍ତ ଓ ତାହାଙ୍କ **ରସୁଲ୍** କୁହ । ଗୋଟିଏ ଅବସରରେ ପୁଣ୍ୟଶ୍ଳୋକ କହିଲେ; ଅଲ୍ଲାଃ ତୁମକୁ ବାରଣ କରିଛନ୍ତି, ଯେ ତୁମେ ନିଜ ପିତା ଦାଉଦ୍[ଅ.ସ]ଙ୍କର ଶପଥ ନିଅ ନାହିଁ । ଯଦି କାହାର ଶପଥ ନେବାର ଆବଶ୍ୟକତା ପଡେ ତେବେ ତାହାକୁ ଅଲ୍ଲାଃଙ୍କ (ନାମର) ଶପଥ ନେବା ଉଚିତ୍, ନଚେତ୍ ସେ ନିରବତା ଅବଲମ୍ବନ କରୁ । ମହାଭାଗ ଏହା ବରଦାସ୍ତ କରୁ ନଥିଲେ, ଯେ ଈଶ୍ୱରଙ୍କ ଏକେଶ୍ୱରବାଦ ବିପକ୍ଷରେ କୌଣସି ବସ୍ତୁକୁ ସାମାନ୍ୟତମ ବି ସମତୁଲ୍ୟ କରାଯାଉ । ଜଣେ ସାହାବି ହୁଜୁର[ସ.ଅ]ଙ୍କୁ ପଚାରିଲେ, ଯଦି ଯୁଦ୍ଧରେ ଶତ୍ରୁ ମୋ ହାତ କାଟି ଦେବା ପରେ ହିଁ **କଲ୍‌ମା** ପଢ଼ିନିଏ ଓ ଇସଲାମ ଧର୍ମରେ ଦୀକ୍ଷିତ ହେବାର ଘୋଷଣା କରେ ତେବେ କ'ଣ ମୁଁ ତାହାକୁ ହତ୍ୟା କରିପାରିବି ? ମହାଭାଗ ଉତ୍ତର ଦେଲେ, ନା । ତାହାକୁ ହତ୍ୟା କରିବ ନାହିଁ । ମହାଭାଗ ଆହୁରି ସ୍ପଷ୍ଟ ଭାବରେ କହିଲେ; ଯଦି ସେ **କଲ୍‌ମା**

ପାଠ କରିବା ପରେ ତୁମେ ତାହାକୁ ହତ୍ୟା କଲ ତେବେ ସେ (**କଲ୍‌ମା** ଯୋଗୁଁ) ତୁମ ଅପେକ୍ଷା ପ୍ରାଚୁର୍ଯ୍ୟରେ ରହିବ ଓ ତୁମେ ତା' ଠାରୁ ଆହୁରି ନିମ୍ନ ଓ ଖରାପ ଅବସ୍ଥାକୁ ଚାଲିଯିବ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ସୁତରାଂ ଯେତେ ପୁରାତନ ସାହାବା ଥିଲେ, ଯଦି ସେମାନେ ବି ଏପରି କୌଣସି କାର୍ଯ୍ୟ କରୁଥିଲେ ସେତେବେଳେ ମହାଭାଗ ତାଙ୍କ ଉପରେ କୋପିତ ଓ ଅତିଷ୍ଟ ହେଉଥିଲେ । କିନ୍ତୁ ଆଜିକାଲିର **ଉଲମା** (ଧାର୍ମିକ ବିଦ୍ୱାନ)ମାନଙ୍କର ଅବସ୍ଥା ଦେଖ । ପାକିସ୍ତାନରେ ଅହମଦିମାନେ **କଲ୍‌ମା** ପାଠ କରିବା ସତ୍ତ୍ୱେ ତାଙ୍କ ଉପରେ ଯେଉଁଳି ବର୍ବରତା ପୂର୍ଣ୍ଣ କାଣ୍ଡ ଭିଆଯାଉଛି, ତାହାର କୌଣସି ସୀମା ନାହିଁ । ସେହି ଅତ୍ୟାଚାରୀମାନଙ୍କର ଫଇସଲା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଏହି ବର୍ଣ୍ଣନାରେ କରି ଦେଇଛନ୍ତି । ସେ ଯାହା ହେଉ ଏବେ ସେହି ଦେଶର ଚରମପନ୍ଥୀ ଧର୍ମଯାଜକମାନଙ୍କ ଅନୁସରଣ କରୁଥିବା ଲୋକମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ମହାନ ଅବତାର ହଜରତ ମୁହମ୍ମଦ[ସ.ଅ] କହିଲେ; ମୋତେ ତୁମମାନଙ୍କ ସଂକ୍ରାନ୍ତରେ ସବୁଠାରୁ ଅଧିକ ଯେଉଁ ବିଷୟର ଭୟ ଘାରୁଛି, ତାହା ହେଉଛି **ଶିର୍କେ ଅସଗର୍** ଅର୍ଥାତ୍ **ରିୟାକାରୀ** (ଲୋକଦେଖାଣିଆ କାର୍ଯ୍ୟ) ପ୍ରଳୟ ଦିବସରେ ଯେତେବେଳେ ଲୋକମାନଙ୍କୁ ସେମାନଙ୍କ କର୍ମର ପ୍ରତିଫଳ ଦିଆଯିବ ସେତେବେଳେ ଅଲ୍ଲାଃତାଲା ସେହି **ରିୟାକାରୀ**ମାନଙ୍କୁ କହିବେ; ସେହି ଲୋକମାନଙ୍କ ନିକଟକୁ ଯାଅ, ଯେଉଁ ଲୋକମାନଙ୍କ ସକାଶେ ତୁମେ ସଂସାରରେ ଲୋକଦେଖାଣିଆ କାର୍ଯ୍ୟ କରୁଥିଲ । **ସେମାନଙ୍କ ନିକଟକୁ ଯାଅ ଓ ଦେଖ ତାଙ୍କ ଠାରୁ ତୁମକୁ କିଛି ପ୍ରତିଫଳ ମିଳି ପାରିବ କି** ?

ନବୀ କରିମ୍[ସ.ଅ] କହିଲେ; ଅଲ୍ଲାଃତାଲା କହିଛନ୍ତି, ଆଦମ୍‌ର ସନ୍ତାନ ମୋର ଅସ୍ୱୀକାର କରୁଅଛି ଓ ମୋ ମର୍ଯ୍ୟାଦା ତଥା ଗରିମାର ଅବମାନନା କରୁଅଛି । ଯଦିଚ ଏପରି କରିବା ତା ପକ୍ଷେ ଉଚିତ୍ ନୁହେଁ । ତାଙ୍କର ପ୍ରତ୍ୟାଖ୍ୟାନ କରିବା ଏହିକି ଯେ, ସେ ପୁନର୍ବାର ଜନ୍ମ ଲାଭ କରିବାର ଅସ୍ୱୀକାର କରିବା । ଯଦିଚ ପରାକ୍ରମୀ ଅଲ୍ଲାଃ ଯେପରି ତାହାକୁ ପ୍ରଥମ ଥର ସୃଷ୍ଟି କରିଥିଲେ, ଠିକ୍ ସେହିପରି ଆଉ ଥରେ ବି ସୃଷ୍ଟି କରିବା (ତାଙ୍କ ପକ୍ଷେ) ଅତି ସହଜସାଧ୍ୟ ଏବଂ ତାଙ୍କର ଅବମାନନା କରିବା ଏହିକି ଯେ, ସେ ଅଲ୍ଲାଃତାଲାଙ୍କର ପୁତ୍ର ଥିବାର ଆସ୍ଥା ରଖେ । ଅଥଚ ଅଲ୍ଲାଃତାଲା ସମସ୍ତ ପ୍ରକାରର ଆବଶ୍ୟକତା ଠାରୁ ପବିତ୍ର ଓ ବେପରୁଆ ତଥା ଏକ । **ସୁରଃ ଇଖଲାସ୍**ର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କୁହନ୍ତି; 'ଅଲ୍ଲାଃ ଏପରି ସତ୍ତା ଯାହାର ସକଳ ଜୀବଜଗତ ଆବଶ୍ୟକତା ଲୋଡ଼ିଥା'ନ୍ତି । କିନ୍ତୁ ସେ କାହାରି ଆବଶ୍ୟକତା ଲୋଡ଼ି ନଥା'ନ୍ତି । ଏହି ଉକ୍ତିଟି ଯାହାକି ମାତ୍ର ଏକ ଧାଡ଼ି ବିଶିଷ୍ଟ ବି ନୁହେଁ, କିପରି ତାତ୍ତ୍ୱିକ ଜ୍ଞାନ ଓ ଅତି ସୁନ୍ଦର ଭାବରେ ସମସ୍ତ ପ୍ରକାର **ଶିର୍କ** (ଅନ୍ୟକୁ ଅଲ୍ଲାଃଙ୍କ ସହ ସମତୁଲ୍ୟ) କରିବା ଠାରୁ ପୃଥକ କରିଦେଇଛି ।'

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] **ସୁରଃ ଇଖଲାସ୍**କୁ ପବିତ୍ର କୁରଆନର ଏକ ତୃତୀୟାଂଶ ଦର୍ଶାଇଛନ୍ତି, ଅର୍ଥାତ୍ ତାହା ପବିତ୍ର କୁରଆନର ଏକ ତୃତୀୟାଂଶ । ଏଥି ସଂକ୍ରାନ୍ତରେ ହଜରତ ମୁସଲେହ୍ ମଉଦ[ର.ଅ] କହିଛନ୍ତି; ଏକ ତୃତୀୟାଂଶ ଅର୍ଥ (**ସୁରଃ ଇଖଲାସ୍**)ର ବିଷୟବସ୍ତୁ ବିଶେଷ ଗୁରୁତ୍ୱ ବହନ କରିଥାଏ । ପବିତ୍ର କୁରଆନ ଓ ହଦିସ୍ ଗ୍ରନ୍ଥ ଅଧ୍ୟୟନ କଲେ ଜ୍ଞାତ ହୁଏ ଯେ ଶେଷ ଯୁଗରେ ଦୁଇଟି ବଡ଼ ବଡ଼ **ଫିତ୍‌ନା** (ଉପଦ୍ରବ ଓ ବିଶୃଙ୍ଖଳା) ମୁଣ୍ଡ ଟେକିବାର ଥିଲା, ଗୋଟିଏ **ଦଜ୍ଜାଲ** (ପ୍ରବଂଚକ)ର **ଫିତ୍‌ନା** ଓ ଅନ୍ୟଟି **ୟାଜୁଜ୍ ମାଜୁଜ୍** (ଋଷ ଓ ଆମେରିକା)ର **ଫିତ୍‌ନା** । ଏହି ଦୁଇଟି **ଫିତ୍‌ନା** ଗୋଟିକ ପରେ ଗୋଟିଏ ଇସଲାମର ମୁକାବିଲା କରିବା ନିୟତ ଥିଲା । ଗୋଟିଏ **ଫିତ୍‌ନା** ଏହିକି ଯେ, ଏକ ଅଲ୍ଲାଃଙ୍କ ପରିବର୍ତ୍ତେ ତିନି ଗୋଟି ଈଶ୍ୱର ଥିବା ଆସ୍ଥା ରଖିବା । ଅର୍ଥାତ୍ ପିତା, ପୁତ୍ର ଓ ପବିତ୍ର ଆତ୍ମା । ଦ୍ୱିତୀୟ **ଫିତ୍‌ନା** ପଥଭ୍ରଷ୍ଟ କରିବା ଓ ନାସ୍ତିକବାଦର ଅର୍ଥାତ୍ ଏମାନେ ମୂଳରୁ ଈଶ୍ୱରଙ୍କ ସତ୍ତାର ଅସ୍ୱୀକାରୀ କରିବା ଅଟେ । ପବିତ୍ର କୁରଆନ ଏହି ଉଭୟ ବିଶ୍ୱାସ ଓ ମତବାଦର ରଦ୍ଦ କରିଥାଏ । ପବିତ୍ର କୁରଆନ କେବଳ ଏକ ଈଶ୍ୱର ଭିତ୍ତିକ ଆସ୍ଥାକୁ ଉପସ୍ଥାପନ କରୁଅଛି

ଏବଂ ଈଶ୍ୱର ପୁତ୍ର ହେବା ତଥା ପବିତ୍ର ଆତ୍ମା ହେବା ବିଶ୍ୱାସକୁ ଖଣ୍ଡନ ଓ ରଦ୍ଦ କରିଥାଏ । ଏପରି ପବିତ୍ର କୁରଆନ ତିନି ଈଶ୍ୱର ହେବା ପରିବର୍ତ୍ତେ ଏକ ଓ ଅଦ୍ୱିତୀୟ ଈଶ୍ୱରଙ୍କ ବାସ୍ତବିକତାକୁ ପ୍ରତିପାଦିତ କରୁଅଛି । ଏହା ସ୍ପଷ୍ଟ ପ୍ରସଙ୍ଗ ଯେ ପିତା ଈଶ୍ୱର ହେବାର ସମର୍ଥନ କରିବା ପବିତ୍ର କୁରଆନର ଏକ ତୃତୀୟାଂଶ । ତେଣୁ **ସୁରଃ ଇଖଲାସ୍** ହେଉଛି ପବିତ୍ର କୁରଆନର ଏକ ତୃତୀୟାଂଶ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; **ଏକେଶ୍ୱରବାଦର ପ୍ରକୃତ ଆସ୍ଥା କେବଳ ନବୀଙ୍କ ମାଧ୍ୟମରେ ମିଳିପାରେ** । ଯେପରିକି ଆମ ପ୍ରିୟ ନବୀ ଆରବ ଦେଶର ନାସ୍ତିକ ବାଦୀ ଓ ବିଧର୍ମୀମାନଙ୍କୁ ସହସ୍ର ନିଦର୍ଶନ ଦେଖାଇ ଈଶ୍ୱରଙ୍କ ସତ୍ତାର ସ୍ୱୀକାର କରାଇଥିଲେ ।

ହୁଜୁର ଅନୱ୍ୱର[ଅ.ବ] କହିଲେ; ଆଜି ସାମ୍ପ୍ରତିକ ଯୁଗରେ **ୟାଜୁଜ୍ ମାଜୁଜ୍ ଓ ଦଜ୍ଜାଲ୍**ର ବିଶୃଙ୍ଖଳା ଏକ ପାର୍ଶ୍ୱରେ ରହିଲା, ସ୍ୱୟଂ ମୁସଲମାନମାନଙ୍କର ମଧ୍ୟରେ ବି ପ୍ରକୃତ ଏକେଶ୍ୱରବାଦର ଧାରଣା ହିଁ ଉଭାନ ହୋଇଗଲାଣି । ସୁତରାଂ ଚଳିତ ଯୁଗରେ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ସଚ୍ଚୋଟ ଦାସ ହଜରତ ମସିହ ମଉଦ ଓ ମେହଦି ମଉଦଙ୍କର ଆଗମନ ହେବାର ଥିଲା ଓ ସେ ଆସି ଏକେଶ୍ୱରବାଦ ବିରୋଧରେ ସମସ୍ତ ପ୍ରକାରର ଆକ୍ରମଣର ମୁକାବିଲା କଲେ । ଅତଏବ ପ୍ରକୃତ **ତୌହିଦ୍** କରିବାର କର୍ତ୍ତବ୍ୟ ଆମେମାନେ ସେତେବେଳେ ସମ୍ପାଦନ କରିପାରିବା ଯେତେବେଳେ ଆମେ ବାସ୍ତବିକ ଏକେଶ୍ୱରବାଦର ମାନ୍ୟକାରୀ ହୋଇଯିବା । ଏକେଶ୍ୱରବାଦର ଉଚ୍ଚାସନ ସମ୍ବନ୍ଧରେ ଏକଦା ପୁଣ୍ୟଶ୍ଳୋକ କହିଲେ; ହଜରତ ମୁସା[ଅ.ସ] ଈଶ୍ୱରଙ୍କୁ କହିଲେ, ହେ ପ୍ରଭୁ ! ମୋତେ ଏପରି କୌଣସି କଥା ଶିଖାଅ ଯାହା ଫଳରେ ମୁଁ ତୁମ୍ଭର ଚର୍ଚ୍ଚା କରିବି ତତ୍‌ସହିତ ତୁମ୍ଭ ଠାରୁ ଦୁଆ ମଧ୍ୟ ଭିକ୍ଷା କରିପାରିବି । ଏଥିରେ ଐଶ୍ୱର୍ଯ୍ୟମୟ ଈଶ୍ୱର କହିଲେ; ହେ ମୁସା ! ତୁମେ ଏହା କୁହ, **ଲାଇଲାହା ଇଲ୍‌ଲଲ୍ଲାଃ** । ମୁସା[ଅ.ସ] କହିଲେ, ହେ ପ୍ରଭୁ ! ତୁମ୍ଭର ସମସ୍ତ ଭକ୍ତଗଣ ଏହା ହିଁ କରୁଛନ୍ତି । କିନ୍ତୁ ପରାକ୍ରମୀ ପରମେଶ୍ୱର ସେହି ଉକ୍ତିର ଉଚ୍ଚାରଣ କରିବାକୁ ପୁନର୍ବାର ନିର୍ଦ୍ଦେଶ ଦେଲେ । ପୁନଶ୍ଚ ହଜରତ ମୁସା ଅନ୍ୟ କିଛି ବିଶେଷ **କଲ୍‌ମା** ଶିଖାଇବାର ଜିଦ୍ କରିବାରୁ ସର୍ବଶକ୍ତିମାନ ଅଲ୍ଲାଃ କହିଲେ; ଯଦି ମୋ ବ୍ୟତୀତ ବିଶ୍ୱ ବ୍ରହ୍ମାଣ୍ଡର ସକଳ ବସ୍ତୁ ଓ ସପ୍ତ ଭୂ-ଖଣ୍ଡକୁ ନିକିତିର ଏକ ପାର୍ଶ୍ୱରେ ରଖାଯାଏ ଏବଂ ଅନ୍ୟ ପାର୍ଶ୍ୱରେ **ଲାଇଲାହା ଇଲ୍‌ଲଲ୍ଲାଃ**କୁ ରଖାଯାଏ ତେବେ **ଲାଇଲାହା ଇଲ୍‌ଲଲ୍ଲାଃ** ସକଳ ବସ୍ତୁ ଠାରୁ ଓଜନିଆ ହେବ । ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କୁହନ୍ତି; ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ]ଙ୍କ ଶିକ୍ଷା ଏହିକି ଯେ, **ଲାଇଲାହା ଇଲ୍‌ଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ** କହିବା ଦ୍ୱାରା ପାପ ଦୂର ହୋଇଯାଇଥାଏ । ଏହା ନିରାଟ ସତ୍ୟ ଓ ଏହା ହିଁ ବାସ୍ତବିକତା । ଯିଏ କେବଳ ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ଜାଣେ ଏବଂ ବିଶ୍ୱାସ କରେ । ଆଉ ଏହି ଆସ୍ଥା ରଖେ ଯେ, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କୁ ସେହି ମହାପ୍ରତାପୀ ଈଶ୍ୱର ହିଁ ପ୍ରେରଣ କରିଛନ୍ତି । ପୁଣି ଏହି **କଲ୍‌ମା** ଉପରେ ପ୍ରତିଷ୍ଠିତ ରହିଥିବା ଅବସ୍ଥାରେ ସେ ମୃତ୍ୟୁବରଣ କରେ ତେବେ ସେ ମୋକ୍ଷ ପ୍ରାପ୍ତି କରିନେବ ।

ଏକ ଅବସରରେ ନବୀଶ୍ରେଷ୍ଠ କହିଲେ; ଯିଏ ସାକ୍ଷ୍ୟ ଦେଲା ଯେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହିଁ, ତାଙ୍କର କେହି ସମକକ୍ଷ ନୁହନ୍ତି ଓ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ତାଙ୍କର ଭକ୍ତ ଓ **ରସୁଲ୍** । ଆଉ ହଜରତ ଇସା[ଅ.ସ] ତାଙ୍କର ଭକ୍ତ ଓ ତାଙ୍କ ଦାସୀ ହଜରତ ମରିୟମ୍‌ଙ୍କର ପୁତ୍ର ତଥା ସେ ଈଶ୍ୱରଙ୍କର **କଲ୍‌ମା** । ଯାହାକି ପ୍ରଭୁ ମରିୟମ୍‌ଙ୍କ ପ୍ରତି ଅବତୀର୍ଣ୍ଣ କରିଥିଲେ ଏବଂ ପ୍ରଭୁଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଥିବା ଏକ ଆତ୍ମା ଏବଂ ଜନ୍ନତ୍ ସତ୍ୟ ଓ ନର୍କ ବି ସତ୍ୟ **ତେବେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତାହାକୁ ଜନ୍ନତ୍‌ର ଆଠ ଗୋଟି ଦ୍ୱାର ମଧ୍ୟରୁ ଯେ କୌଣସି ଦ୍ୱାରରେ ଚାହିଁବେ ପ୍ରବେଶ କରାଇ ଦେବେ ।**

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ମହାଭାଗ ପ୍ରତ୍ୟେକ ଅବସରରେ ଏକେଶ୍ୱରବାଦର ବର୍ଣ୍ଣନା କରୁଥିଲେ ଏବଂ ନିଜ ଅନୁଚରମାନଙ୍କ ହୃଦୟରେ ଏହାକୁ ପ୍ରତିଷ୍ଠା କରିଦେଲେ । ହଜରତ ମୁସଲେହ୍ ମଉଦ[ର.ଅ]ଙ୍କ କଥନ ଅନୁଯାୟୀ ହୁଜୁର[ସ.ଅ] ଅଲ୍ଲାଃତାଲାଙ୍କ ଗରିମା ବଖାଣିବାରେ ଏଭଳି ଆଗ୍ରହୀ ଓ ଉତ୍କଣ୍ଠିତ ରହୁଥିଲେ, ଯେ ବିରୋଧୀମାନେ ମଧ୍ୟ ଏହାକୁ ସ୍ୱୀକାର କରୁଥିଲେ । ଫ୍ରାନସ୍ ଦେଶର ଜଣେ ଐତିହାସିକ ଉଲ୍ଲେଖ କରିଛନ୍ତି, ଅବତାରତ୍ୱର ଘୋଷଣା କରିବା ପର ଠାରୁ ନିଜ ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜିହ୍ୱାରେ

ସର୍ବଦା ଅଲ୍ଲାଃତାଲାଙ୍କ ମହିମା ଗାନ କରିବା ଜାରି ରହିଥିଲା, ଯେପରିକି ମହାଭାଗଙ୍କର ଉଦ୍ଦେଶ୍ୟ କେବଳ ଏହା ଥିଲା ଯେ ସଂସାରବାସୀଙ୍କୁ ଅଲ୍ଲାଃତାଲାଙ୍କ ସତ୍ତାର ସ୍ୱୀକାର କରାଇବା । ହଜରତ ମୁସଲେହ୍ ମଉଦ[ର.ଅ] ଗୋଟିଏ ସ୍ଥାନରେ ବର୍ଣ୍ଣନା କରିଛନ୍ତି; ଏଥିପ୍ରତି ବିଶେଷ ମନୋଯୋଗ କରିବା ଉଚିତ୍ । **ଦେଖ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ବୈଶିଷ୍ଟ୍ୟ କିଭଳି ଉଚ୍ଚ ହେଉ ନାକାହିଁକି ଓ ଆମେମାନେ ହୁଜୁର[ସ.ଅ]ଙ୍କୁ କେତେଯେ ଭଲ ପାଉ ନାକାହିଁକି, କିନ୍ତୁ ଅଲ୍ଲାଃତାଲାଙ୍କ ମର୍ଯ୍ୟାଦା ଓ ଗରିମା ସର୍ବୋଚ୍ଚେ ବିଦ୍ୟମାନ** । ଅଲ୍ଲାଃତାଲା ଅନାଦି ଓ ଚିରଞ୍ଜୀବୀ ଏବଂ ହଜରତ ମୁହମ୍ମଦ[ସ.ଅ] ତାଙ୍କ କୃପାଶିଷ ମଧ୍ୟରୁ ସର୍ବଶ୍ରେଷ୍ଠ । ଏହା ହୁଜୁର[ସ.ଅ]ଙ୍କ ସହିତ ଶତ୍ରୁତା ହେବ ଯେ, ଆମେ ମହାଭାଗଙ୍କୁ ଏପରି କୌଣସି ମର୍ଯ୍ୟାଦା ପ୍ରଦାନ କରିବା ଯାହା ଫଳରେ ପରାକ୍ରମୀ ଅଲ୍ଲାଃଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ ହେବ ।

ହଜରତ ମୁହମ୍ମଦ[ସ.ଅ] ଏକେଶ୍ୱରବାଦର ପ୍ରତିଷ୍ଠା ନିମନ୍ତେ ଏପରି ଯତ୍ନଶୀଳ ଥିଲେ, ଯେ ମହାଭାଗଙ୍କ ଅବସ୍ଥା ଅତି ବ୍ୟାଧିଗ୍ରସ୍ତ ଥିବା ସ୍ଥଳେ ବି ତାଙ୍କ ପବିତ୍ର ମୁଖରୁ ବାରମ୍ବାର ଏହି ଉକ୍ତି ନିଃସୃତ ହେଉଥିଲା ଯେ ଯହୁଦୀ ଓ ଖ୍ରୀଷ୍ଟଧର୍ମୀଙ୍କ ଉପରେ ଈଶ୍ୱରଙ୍କର ଅଭିଶାପ ପଡୁ, କାରଣ ସେମାନେ ନିଜ ଅବତାରମାନଙ୍କ ସମାଧିସ୍ଥଳକୁ ମସଜିଦ୍ ରୂପେ ଗଢ଼ିନେଲେ । ମହାଭାଗ ବାରମ୍ବାର ଏହି କଥା କହୁଥିଲେ, ଯେପରିକି ମହାଭାଗ ନିଜ ଅନୁଗାମୀମାନଙ୍କୁ ଅନ୍ତିମ ଉପଦେଶ ଓ ଶେଷ ବାର୍ତ୍ତା ଏହା ଦେବାକୁ ଚାହୁଁଥିଲେ, **ଯେ ମୋତେ କଦାପି ସେପରି ସ୍ଥାନରେ ବିରାଜିତ କରିବ ନାହିଁ** । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ବିଷୟ ପ୍ରତି ଆମମାନଙ୍କୁ ବିଶେଷ ଧ୍ୟାନ ଦେବା ଉଚିତ୍ ଯେ, ଆମେ ଏକେଶ୍ୱରବାଦର ବାସ୍ତବିକ ଭେଦକୁ ହୃଦୟଙ୍ଗମ କରିବା । ଯାହାକୁ ସ୍ଥାପନ କରିବା ନିମନ୍ତେ ମହାଭାଗ ସାରା ଜୀବନ ଅହରହ ପ୍ରୟାସ କରିଥିଲେ ଓ ସେ ପ୍ରକୃତ ଏକେଶ୍ୱରବାଦୀ ଥିଲେ । ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଏହାର ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଆମେରିକା ଓ ଇସ୍ରାଇଲ୍‌ର ଇରାନ ବିରୁଦ୍ଧରେ ଯୁଦ୍ଧ ସଂକ୍ରାନ୍ତରେ ଚର୍ଚ୍ଚା କରି କହିଲେ; ସଂସାରବାସୀ ଏବଂ ବିଶେଷ ଭାବରେ ମୁସଲମାନ ଦେଶଗୁଡ଼ିକୁ ନିଜ ହସ୍ତ ଉର୍ଦ୍ଧ୍ୱରେ ରହିବାକୁ ଚେଷ୍ଟା କରୁଛନ୍ତି, ଯାହା ଫଳରେ ପରିସ୍ଥିତି ଦିନକୁ ଦିନ ଶୋଚନୀୟ ହୋଇଚାଲିଛି । କ୍ଷତି ତ ଆରବ ଦେଶଗୁଡ଼ିକର ହିଁ ହେଉଅଛି । ତେଣୁ ହୁଜୁର ଅନଓ୍ୱର[ଅ.ବ] ମୁସଲମାନ ଦେଶଗୁଡ଼ିକୁ ସଚେତନ କରାଇ ପାରସ୍ପରିକ ଏକ ହେବାକୁ ମନ୍ତବ୍ୟ ଦେଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଦୁଆ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଓ ଇସଲାମୀୟ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଗୋଟିଏ ସୂତାରେ ଗୁନ୍ଥି ହୋଇ ରହିବାକୁ ଶକ୍ତି ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

* * * * * * * * * * * *

Khulasa Khutba Juma Huzoor Anwar a.b.a

27th March 2026

*Translated to Odia by :* Moulavi Anwar Ahmad Khan